# NATIONAL NEWS BULLETIN (ODIA)

**20 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗ୍ରାମାଞ୍ଚଳରେ କୃଷି ଆଧାରିତ ଉଦ୍ୟୋଗ ସ୍ଥାପନ ପାଇଁ ସରକାର ପ୍ରଣୟନ କରିଛନ୍ତି ବିଭିନ୍ନ ଯୋଜନା; କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବା ନେଇ ହୋଇଛି ନିଷ୍ପତ୍ତି; ସୂଚନା ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଆଜିଠାରୁ ଦୁଇଦିନିଆ ଲାଓସ୍ ଗସ୍ତରେ ଯିବେ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋଏଲ ।
- ଇସ୍ରାଏଲ ଓ ହିଜ୍‌ବୁଲ୍ଲା ମଧ୍ୟରେ ତୀବ୍ରତର ହେଉଛି ସଂଘର୍ଷ ।

ଏବଂ

- ଚେନ୍ନାଇ ଟେଷ୍ଟରେ ପ୍ରଥମ ଇନିଂସ୍‌ରେ ଭାରତ ସଂଗ୍ରହ କଲା ୩୭୬ରନ୍; ବାଂଲାଦେଶର ବ୍ୟାଟିଂ ଜାରି ।

# ରାଷ୍ଟ୍ରପତି-ରାଞ୍ଚି

ଜନଜାତି ସଂପ୍ରଦାୟର ସମାବେଶୀ ବିକାଶ ନିମନ୍ତେ ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନ ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ରାଞ୍ଚିର ନାମକୁମଠାରେ ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନର ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ଶ୍ରୀମତୀ ମୁର୍ମୁ କହିଛନ୍ତି କୃଷକ ଏବଂ ଉଦ୍ୟମିମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଏହି ପ୍ରତିଷ୍ଠାନ କାର୍ଯ୍ୟ କରୁଛି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦନ କରାଯାଉଥିବା ପନିପରିବା ଗୁଡ଼ିକୁ ଅଧିକ ଦିନ ଯାଏଁ ସଂରକ୍ଷିତ ରଖିବା ଲାଗି ପ୍ରତିଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ । ସରକାରଙ୍କ ଦ୍ୱାରା କୃଷି ଓ କୃଷକମାନଙ୍କ ବିକାଶ ନିମନ୍ତେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଥିବା ରାଷ୍ଟ୍ରପତି କହିଛନ୍ତି । ଗ୍ରାମାଞ୍ଚଳ ଗୁଡ଼ିକରେ କୃଷି ଆଧାରିତ ଉଦ୍ୟୋଗ ସ୍ଥାପନ ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଏବଂ ଏ ଦିଗରେ କୃଷି ସଂଗଠନ ଓ ପେକ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି । କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଉପସ୍ଥିତ ଅଛନ୍ତି ।

ଆଜି ରାଷ୍ଟ୍ରପତି ଅନୁଷ୍ଠାନର ବର୍ତ୍ତମାନର ଏବଂ ପୂର୍ବତନ ବୈଜ୍ଞାନିକମାନଙ୍କ ସହ ଗବେଷଣା ଓ ଉଦ୍ଭାବନ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ

ରହିଛି। ଏହି ଅନୁଷ୍ଠାନ ଗତ ଏକ ଶତାବ୍ଦୀରେ ଲକ୍ଷ ଲକ୍ଷ କୃଷକଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଚାଷ ଏବଂ ପ୍ରକ୍ରିୟାକରଣରେ ସହାୟତା କରିଛି । ମୁଖ୍ୟତଃ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗର ପଛୁଆ ଜିଲ୍ଲାରେ ରହୁଥିବା ଆଦିବାସୀ ଏବଂ ଗରିବ କୃଷକମାନେ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନ **ICAR** ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ସ୍ୱତନ୍ତ୍ର ଡାକ କଭର ଓ ଡାକ ଟିକଟ ଉନ୍ମୋଚନ କରିଛନ୍ତି। ଅନୁଷ୍ଠାନ ପରିସରରେ 'ଏକ ପେଡ଼୍ ମା କେ ନାମ' ଅଭିଯାନର ଏକ ଅଂଶ ଭାବରେ ରାଷ୍ଟ୍ରପତି ବୃକ୍ଷରୋପଣ କରିବାର କାର୍ଯ୍ୟକ୍ରମ ରହିଛି ।

## ଶାହା-ନକ୍ସଲ ବୈଠକ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀ ଚିନ୍ତାଧାରା ଏବଂ ମାଓବାଦ ସମ୍ପୂର୍ଣ୍ଣ ଶେଷ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଆଜି ନୂଆଦିଲ୍ଲୀରେ ନିଜ ବାସଭବନରେ ମନ୍ତ୍ରୀ ଶ୍ରୀ ଶାହା ଛତିଶଗଡରେ ମାଓ ହିଂସାରେ ପୀଡିତ ୫୫ଜଣ ଲୋକଙ୍କ ସହ ଆଲୋଚନା ସମୟରେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି ବସ୍ତରର ୪ଟି ଜିଲ୍ଲାକୁ ଛାଡି ସାରା ଦେଶରେ ମାଓବାଦ ସମାପ୍ତ କରିବା କ୍ଷେତ୍ରରେ କେନ୍ଦ୍ର ସରକାର ସଫଳ ହୋଇଛନ୍ତି । ମାଓବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ସମର୍ପଣ କରି

ହିଂସାର ରାସ୍ତା ପରିତ୍ୟାଗ ପୂର୍ବକ ଆତ୍ମ ସମର୍ପଣ କରିବା ଲାଗି ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯଦି ସେମାନେ ହିଂସା ପରିତ୍ୟାଗ ନକରନ୍ତି ସେ କ୍ଷେତ୍ରରେ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବେ ।

## ଗୋୟଲ-ଲାଓସ୍ ଯାତ୍ରା

୨୧ତମ ଆସିଆନ୍ ଭାରତ ଆର୍ଥିକ ମନ୍ତ୍ରୀ ତଥା ଦ୍ୱାଦଶ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋଏଲ ଆଜିଠାରୁ ଦୁଇଦିନିଆ ଲାଓସ୍ ଯାତ୍ରା କରିବେ । ଏହି ଗସ୍ତ କାଳରେ ମନ୍ତ୍ରୀ ଶ୍ରୀ ଗୋଏଲ ଅନ୍ୟଦେଶ ଗୁଡ଼ିକର ମନ୍ତ୍ରିମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଲାଓସ୍ ସମେତ କୋରିଆ, ମାଲେସିଆ, ସ୍ୱିଜରଲ୍ୟାଣ୍ଡ ଏବଂ ମ୍ୟାମାଁରର ବାଣିଜ୍ୟ ମନ୍ତ୍ରୀମାନଙ୍କ ସହ ଶ୍ରୀ ଗୋଏଲ ଆଲୋଚନା-ପର୍ଯ୍ୟାଲୋଚନା କରିବେ । ଏହି ଦୁଇଦିନିଆ ଗସ୍ତ କାଳରେ ଲାଓସରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହ ସେ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଇଟାଲୀ-ବାତ୍ୟା

ଇଟାଲୀରେ ବର୍ଷା ଓ ବାତ୍ୟା ଯୋଗୁଁ ଏମିଲିଆ-ରୋମାନା ଅଞ୍ଚଳରେ ବର୍ଷାଜଳ ପ୍ରବେଶ କରିଯିବାରୁ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ

ସ୍ଥାନାନ୍ତର କରାଯାଇଛି । ଅନେକ ଲୋକ ନିଖୋଜ ଥିବାରୁ ଉଦ୍ଧାରକାର୍ଯ୍ୟ ଜୋର୍‌ଦାର କରାଯାଇଥିବା ଜଣାପଡିଛି । ବର୍ଷା ଏବଂ ବାତ୍ୟା ଯୋଗୁଁ ବୋଲୋନା ଓ ମୋଡେନା ସହରରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି । ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୨୪ଜଣଙ୍କ ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ଉପରମହଲାରେ ରହୁଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ଘର ଖାଲି କରିବାକୁ କୁହାଯାଇଛି । ସଡ଼କପଥରେ ଯାତାୟାତ ଏବଂ ରେଳଯାତ୍ରା ଉପରେ ପ୍ରଶାସନ ପକ୍ଷରୁ ପ୍ରତିବନ୍ଧକ ଜାରି କରାଯାଇଛି ।

## ଯୋଶୀ-ଲଡୁ

କେନ୍ଦ୍ର ଖାଦ୍ୟମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ତିରୁପତି ମନ୍ଦିରରେ ପ୍ରସ୍ତୁତ ହେଉଥିବା ଲଡୁରେ ପଶୁ ଚର୍ବି ବ୍ୟବହାର ହେଉଥିବା ଗମ୍ଭୀର ମାମଲା ଅଟେ । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ଆଜି ନୂଆଦିଲ୍ଲୀରେ ସମ୍ବାଦଦାତାଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ଏହି ଘଟଣାର ବିସ୍ତୃତ ଯାଞ୍ଚ କରାଯାଇ ଦୋଷୀମାନଙ୍କୁ ଦଣ୍ଡବିଧାନ କରାଯିବା ଆବଶ୍ୟକ । ସୂଚନାଯୋଗ୍ୟ ତିରୁପତିର ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ପ୍ରସ୍ତୁତ ହେଉଥିବା ଲଡୁରେ ଯେଉଁ ଘିଅ ବ୍ୟବହାର ହେଉଛି ସେଥିରେ ପଶୁ ଚର୍ବି ମିଶାଯାଉଥିବା ପରୀକ୍ଷାରୁ ଜଣାପଡିଛି ।

## ବିହାର ବନ୍ୟା

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ଗଙ୍ଗା ନଦୀର ବୃଦ୍ଧିପାଉଥିବା ଜଳସ୍ତର ଯୋଗୁଁ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକର ଆକାଶମାର୍ଗରୁ ନିରୀକ୍ଷଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ବିହାରରେ ଗଙ୍ଗା ଏବଂ ଅନ୍ୟ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ୧୦ଟିରୁ ଅଧିକ ଜିଲ୍ଲାରେ ବନ୍ୟା ସୃଷ୍ଟି ହୋଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି ପାଟ୍ନା, ବକ୍ସର, ବେଗୁସରାୟ, ସାରନ, ଶିବାନ, ବୈଶାଳୀ, ସମସ୍ତିପୁର, ଖଗଡିଆ, ମୁଙ୍ଗେର, ଭାଗଲପୁର ଏବଂ ନାଳନ୍ଦା । ନଦୀକୂଳିଆ ଅଞ୍ଚଳରେ ଥିବା ଅନେକ ଏକର ଫସଲ ଏହି ବନ୍ୟାରେ ନଷ୍ଟ ହୋଇଥିବାବେଳେ ଅନେକଗୁଡ଼ିଏ ବାସଗୃହ ବନ୍ୟାଜଳରେ ଭାସିଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୦ରୁ ଅଧିକ ବିଦ୍ୟାଳୟକୁ ବନ୍ଦ ରଖିଛନ୍ତି ।

## ଅଷ୍ଟ୍ରେଲିଆ-ପିଏମ୍ କ୍ୱାଡ

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗଦେବାଲାଗି ଆମେରିକାରେ ପହଞ୍ଚିଛନ୍ତି । ଫିଲାଡେଲ୍ଫିଆଠାରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ଆଲ୍ବାନିଜ କହିଛନ୍ତି ଭାରତ, ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକା ଭଳି ୪ଟି ବଡରାଷ୍ଟ୍ର ଗୋଟିଏ ଲକ୍ଷ୍ୟ ନେଇ ଆଗକୁ ବଢୁଛନ୍ତି ଏବଂ ଭାରତ

ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଲାଗି ପ୍ରତିବଦ୍ଧ ଅଟନ୍ତି । ସେ କହିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାବାର୍ତ୍ତା ଲାଗି ଆଗ୍ରହୀ ଅଛନ୍ତି ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶ୍ୱସ୍ତରୀୟ ମାନ୍ୟତାକୁ ପ୍ରଶଂସା କରି ଜାତିସଂଘ ମହାସଚିବ ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି ଯେ କୂଟନୀତିରେ ତାଙ୍କର ଏବଂ ଭାରତର ସ୍ୱର ଅତ୍ୟନ୍ତ ଜୋରଦାର ଏବଂ ଗୁରୁତ୍ୱପୂର୍ଣ୍ଣ ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆମେରିକା ଗସ୍ତକୁ ନେଇ ସେ ସନ୍ତୋଷବ୍ୟକ୍ତ କରିବା ସହ କହିଛନ୍ତି, ଭାରତ ବିଶ୍ୱସ୍ତରରେ ଗ୍ଲୋବାଲ ସାଉଥ୍ ପାଇଁ ଏକ ଶକ୍ତିଶାଳୀ ସ୍ୱର ପାଲଟିଛି । ଆସନ୍ତାକାଲିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯିବେ ଏବଂ ଏହି ସମୟରେ ସେ କ୍ୱାଡ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଆସନ୍ତାକାଲି ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱାରା ଆୟୋଜନ କରାଯାଉଥିବା ଚତୁର୍ଥ କ୍ୱାଡ୍ ନେତୃତ୍ୱ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ।

## ଇସ୍ରାଏଲ-ହିଜବୁଲା ସଂଘର୍ଷ

ଇସ୍ରାଏଲ ଏବଂ ହିଜ୍‌ବୁଲା ମଧ୍ୟରେ ସଂଘର୍ଷ ତୀବ୍ରତର ହୋଇଛି । ଉଭୟପକ୍ଷ ମରଣାନ୍ତକ ଆକ୍ରମଣ କରିବା ସହ ଆଗାମୀ ଦିନରେ କଡ଼ା

ପଦକ୍ଷେପ ନେବାଲାଗି ଚେତାବନୀ ଦେଇଛନ୍ତି । ଏଭଳି ସ୍ଥିତିରେ ସେଠାରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ହିଜ୍‌ବୁଲ୍ଲା ପକ୍ଷରୁ ଦିଆଯାଇଥିବା ଧମକ ଯୋଗୁଁ ଇସ୍ରାଏଲର ସେନା ଦେଶବାସୀଙ୍କୁ ଘରେ ରହିବା ସହ ଆବଶ୍ୟକ ନଥିଲେ ବାହାରକୁ ନଯିବା ପାଇଁ ନିର୍ଦ୍ଦେଶ ଦେଇଛି । ଇସ୍ରାଏଲ ବାୟୁସେନା ପକ୍ଷରୁ ଆକ୍ରମଣ ପରେ ଏହି ନିର୍ଦ୍ଦେଶ ଦିଆଯାଇଛି ।

ଇତିମଧ୍ୟରେ ଲେବାନନର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ପ୍ରେଜର ଏବଂ ହ୍ୟାଣ୍ଡହେଲ୍ଡ ରେଡ଼ିଓ ବିସ୍ଫୋରଣରେ ଏପର୍ଯ୍ୟନ୍ତ ୩୭ଜଣଙ୍କ ମୃତ୍ୟୁ ଘଟିଛି । ଏହି ବିସ୍ଫୋରଣରେ ୨ହଜାର ୯୩୧ଜଣ ଆହତ ହୋଇଛନ୍ତି । ତେବେ ଇସ୍ରାଏଲ ଅଧିକାରୀମାନେ ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ସୂଚନାଯୋଗ୍ୟ ୨୦୨୩ ଅକ୍ଟୋବର ୮ରୁ ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ଗାଜାରେ ହିଜବୁଲ୍ଲା ହମାସ୍ ସହ ମିଳିତଭାବେ ଇସ୍ରାଏଲ ଉପରକୁ ରକେଟ୍ ନିକ୍ଷେପ କରିଥିଲେ । ଜବାବରେ ଇସ୍ରାଏଲ ଲେବାନନ୍‌ର ଦକ୍ଷିଣପୂର୍ବ ଅଞ୍ଚଳରେ ଆକ୍ରମଣ କରିଥିଲା ।

# କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ୩ଶହ ଛଅସ୍ତରୀ ରନ୍ କରିଛି । ଭାରତ ଆଜି ଦ୍ୱିତୀୟ ଦିନର

ବ୍ୟାଟିଂ ଗତକାଲିର ଅପରାଜିତ ସ୍କୋର ୬ ୱିକେଟ୍ ବିନିମୟରେ ୩ଶହ ଅଣଚାଳିଶ ରନ୍‌ରୁ ଆରମ୍ଭ କରିଥିଲା । ରବୀନ୍ଦ୍ର ଜାଡେଜା ଗତକାଲିର ସ୍କୋରରେ ଅଧିକ କିଛି ରନ୍ ଯୋଡ଼ି ନପାରି ୮୬ ରନ୍‌ରେ ହିଁ ଆଉଟ୍ ହୋଇଯାଇଥିଲେ । ଭାରତୀୟ ପାଳିରେ ଏକମାତ୍ର ଶତକ ହାସଲ କରିଥିବା ରବୀଚନ୍ଦ୍ରନ ଅଶ୍ୱିନୀ ୧୧୩ ରନ୍ କରି ଆଉଟ୍ ହୋଇଥିଲେ । ବାଂଲାଦେଶ ପକ୍ଷରୁ ହସନ ମହମୁଦ ୫ଟି ୱିକେଟ୍ ନେଇଥିଲେ ।

ବାଂଲାଦେଶ ତା'ର ପ୍ରଥମ ଇନିଂସ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୭ ୱିକେଟ୍ ବିନିମୟରେ ୯୬ ରନ୍ ସଂଗ୍ରହ କରିଛି । ବାଂଲାଦେଶ ବ୍ୟାଟିଂ ଜାରି ରହିଛି । ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା ଏବଂ ଆକାଶଦୀପ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି ।